No. of Printed Pages : 12 **OSS-101**

# Bachelor's Preparatory Programme (B.P.P.)

000750

## (For Non 10+2)

## Term-End Examination

## June, 2015

## OSS-101 : Preparatory Course in Social Sciences

*Time : 2 hours* *Maximum Marks : 50*

# ସ୍ନାତକ ପ୍ରାରମ୍ଭିକ କାର୍ଯ୍ୟକ୍ରମ (ବି.ପି.ପି.)

## (ଅଣ 10+2ଙ୍କ ପାଇଁ)

## ଅଧିବେଶନ ସମାପ୍ତି ପରୀକ୍ଷା

## ଜୁନ୍, 2015

## ଓ.ଏସ୍.ଏସ୍.–101 : ସାମାଜିକ ବିଜ୍ଞାନରେ ପ୍ରାରମ୍ଭିକ ପାଠ୍ୟକ୍ରମ

*ସମୟ : 2 ଘଣ୍ଟା* *ସର୍ବାଧିକ ଅଙ୍କ : 50*

**General Instructions :**

**Preparatory Course in Social Sciences (OSS-101) Questions 1 – 50**

*(i)* *This is an objective type question paper. Options for the correct answer must be marked only in OMR sheet.*

*(ii)* *All questions are* ***compulsory****.*

*(iii)* *The question paper consists of* **50** *questions each of which carries* **one** *mark.*

*(iv)* *Each question has four alternatives, one of which is correct. Write the Sl. No. of your correct alternative / answer below the corresponding question number in the OMR sheet and then mark the rectangle for the same number in that column. If you find that none of the given alternatives is correct then write 0 and mark in column 0.*

*(v)* *Do not waste time in reading the whole question paper. Go on solving questions one by one. You may come back to the left out questions, if you have time at the end.*

**ସାଧାରଣ ନିର୍ଦ୍ଦେଶାବଳୀ :**

**ସାମାଜିକ ବିଜ୍ଞାନରେ ପ୍ରାରମ୍ଭିକ ପାଠ୍ୟକ୍ରମ (ଓ.ଏସ୍.ଏସ୍.-101) ପ୍ରଶ୍ନାବଳୀ 1 – 50**

*(i)* ଏହା ଏକ ବସ୍ତୁନିଷ୍ଠ ପ୍ରକାରର ପ୍ରଶ୍ନପତ୍ର । ଠିକ୍ ଉତ୍ତରର ବିକଳ୍ପ OMR ସିଟ୍‌ରେ ଚିହ୍ନିତ କରାଯିବା ଜରୁରୀ ।

*(ii)* ସମସ୍ତ ପ୍ରଶ୍ନ **ବାଧ୍ୟତାମୂଳକ** ।

*(iii)* ପ୍ରଶ୍ନପତ୍ରରେ **50** ଗୋଟି ପ୍ରଶ୍ନ ରହିଛି ଏବଂ ପ୍ରତ୍ୟେକ ପ୍ରଶ୍ନ **ଏକ** ଅଙ୍କ ନିର୍ଦ୍ଧାରିତ ।

*(iv)* ପ୍ରତ୍ୟେକ ପ୍ରଶ୍ନ ସହିତ ଚାରିଗୋଟି ବିକଳ୍ପ ଦିଆଯାଇଛି, ଯାହା ମଧ୍ୟରୁ ଗୋଟିଏ ବିକଳ୍ପ ଠିକ୍ । OMR ପୁସ୍ତିକାରେ ସମ୍ପୃକ୍ତ ପ୍ରଶ୍ନ ତଳେ ଠିକ୍ ବିକଳ୍ପ ଉତ୍ତରର କ୍ରମିକ ସଂଖ୍ୟା ଲେଖନ୍ତୁ ଏବଂ ସେହି ସ୍ତମ୍ଭରେ ସମାନ ସଂଖ୍ୟାର ଆୟତକ୍ଷେତ୍ରକୁ ଚିହ୍ନିତ କରନ୍ତୁ । ଯଦି ପ୍ରଦତ୍ତ ବିକଳ୍ପ ମଧ୍ୟରୁ କୌଣସି ବିକଳ୍ପ ମଧ୍ୟ ଠିକ୍ ନୁହେଁ ବୋଲି ଆପଣ ଭାବନ୍ତି ତେବେ 0 ଲେଖନ୍ତୁ ଏବଂ ସ୍ତମ୍ଭରେ 0କୁ ଚିହ୍ନିତ କରନ୍ତୁ ।

*(v)* ସମ୍ପୂର୍ଣ୍ଣ ପ୍ରଶ୍ନପତ୍ର ପଢ଼ିବାରେ ସମୟ ନଷ୍ଟ କରନ୍ତୁ ନାହିଁ । ଗୋଟିଏ ପରେ ଗୋଟିଏ ପ୍ରଶ୍ନର ସମାଧାନ କରିଚାଲନ୍ତୁ । ଶେଷରେ ସମୟ ଥିଲେ ଆପଣ ଛାଡ଼ିଯାଇଥିବା ପ୍ରଶ୍ନଗୁଡ଼ିକୁ ପୁନର୍ବାର ଦେଖିପାରନ୍ତି ।

1. ବାଷ୍ପଚାଳିତ ଇଞ୍ଜିନ୍‌ର ଉଦ୍ଭାବନ କିଏ କରିଥିଲେ?
   (1) ମାଥ୍ୟୁ ବୋଲ୍‌ଟନ
   (2) ଜେମ୍‌ସ ୱାଟ୍
   (3) ରିଚାର୍ଡ ଆର୍କରାଇଟ୍
   (4) ଉପରୋକ୍ତ କେହି ନୁହେଁ

2. ଫାସିବାଦ କାହା ସହିତ ଜଡ଼ିତ?
   (1) ରିଚାର୍ଡ ନିକ୍ସନ୍
   (2) କଲମ୍ବସ୍
   (3) ମୁସୋଲିନି
   (4) ହାରଗ୍ରୀଭ୍‌ସ

3. ମାନବ ଇତିହାସର ନିମ୍ନଲିଖିତ କେଉଁ ପର୍ଯ୍ୟାୟରେ ରାଜ୍ୟ ଏକ ଅନୁଷ୍ଠାନ ରୂପେ ଉଭା ହୋଇଥିଲା?
   (1) ଶୀକାର କରିବା ଓ ଭୋଜନ ସଂଗ୍ରହ କରିବା
   (2) କୃଷି
   (3) ଉଦ୍ୟୋଗ
   (4) ଉଦ୍ୟୋଗ-ଉପରାନ୍ତ

4. ନିମ୍ନଲିଖିତ କେଉଁଟି କାରଖାନା ପଦ୍ଧତିରେ ମୁଖ୍ୟ କାରକ ଅଟେ?
   (1) ଭୂମି
   (2) ଶ୍ରମ
   (3) ପୁଞ୍ଜି
   (4) ଉପରୋକ୍ତ ସମସ୍ତ

5. 'ଫ୍ଲାଇଂ ଶଟଲ୍'ର ଉଦ୍ଭାବନ କିଏ କରିଥିଲେ?
   (1) ଜନ୍ କେ
   (2) ଜେମ୍‌ସ ହାର୍‌ଗ୍ରୀଭ୍‌ସ
   (3) ଜେମ୍‌ସ ୱାଟ୍
   (4) ରିଚାର୍ଡ ଆର୍କରାଇଟ୍

6. ନିମ୍ନଲିଖିତ କେଉଁଟି 'ଉଦ୍ୟୋଗ-ଉପରାନ୍ତ' ସମାଜର ପ୍ରମୁଖ ବୈଶିଷ୍ଟ୍ୟ ଅଟେ?
   (1) କୃଷିର ନୂତନ କୌଶଳ
   (2) ଶୀକାର କରି ଭୋଜନ ସଂଗ୍ରହ ପଦ୍ଧତିକୁ ଫେରିବା
   (3) କାରଖାନା ପଦ୍ଧତି
   (4) ନବସଞ୍ଚାର ପ୍ରଯୁକ୍ତି ଏବଂ ଜ୍ଞାନ

**7.** 1492 ରେ ଆମେରିକାର ଆବିଷ୍କାର କିଏ କରିଥିଲେ?

(1) ଭାସ୍କୋ ଡା ଗାମା

(2) ଖ୍ରୀଷ୍ଟୋଫର କଲମ୍ବସ

(3) ଆଜଟେକ୍

(4) ଇନ୍‌କାସ୍

**8.** ଔଦ୍ୟୋଗିକ ସମାଜରେ ଶ୍ରମିକ ବର୍ଗର ଶୋଷଣ ଉପରେ ବ୍ୟାପକ ଲେଖା ଲେଖିଥିବା ଦାର୍ଶନିକ କିଏ ଥିଲେ?

(1) ଚାର୍ଲସ ଡିକେନ୍‌ସ

(2) ଏମ୍.ଏନ୍. ଶ୍ରୀନିବାସ

(3) କାର୍ଲ ମାର୍କ୍ସ

(4) ଉପରୋକ୍ତ କେହି ନୁହେଁ

**9.** କାହାର ବିଜୟ ପରେ ଶୀତଳ ଯୁଦ୍ଧର ସମାପ୍ତି ହେଲା?

(1) ୟୁ.ଏସ୍.ଏସ୍.ଆର୍.

(2) ୟୁ.କେ.

(3) ଚୀନ୍

(4) ୟୁ.ଏସ୍.ଏ.

**10.** ପ୍ରାରମ୍ଭିକ ବୈଦିକ ସମାଜ କିଭଳି ସମାଜ ଥିଲା?

(1) ଜନଜାତୀୟ

(2) ପଶୁଚାରଣ

(3) ଯାଯାବର

(4) ଔଦ୍ୟୋଗିକ

**11.** 'ଅର୍ଥଶାସ୍ତ୍ର'ର ରଚୟିତା କିଏ?

(1) ଚନ୍ଦ୍ରଗୁପ୍ତ

(2) କନିଷ୍କ

(3) ଅର୍ଜୁନ

(4) କୌଟିଲ୍ୟ

**12.** ଶେଷ ମୋଗଲ ସମ୍ରାଟ (ଶାସକ) କିଏ ଥିଲେ?

(1) ବାବର

(2) କୁତୁବୁଦ୍ଦିନ୍ ଆଇବାକ୍

(3) ତୋଗଲକ

(4) ବାହାଦୁର ଶାହ ଜାଫର

13. ଔପନିବେଶିକ ଭାରତରେ ଫରାସୀ କମ୍ପାନୀର ମୁଖ୍ୟାଳୟ କେଉଁଠାରେ ଅବସ୍ଥିତ ଥିଲା?

(1) ଲକ୍ଷ୍ନୌ (2) ଦିଲ୍ଲୀ

(3) ପଣ୍ଡିଚେରୀ (4) ମାଡ୍ରାସ

14. କେଉଁ ଐତିହାସିକ ଘଟଣା ପରେ ଭାରତ ଇଂରେଜମାନଙ୍କ ଆୟତ୍ତାଧୀନ ହୋଇଥିଲା?

(1) ପଲାସି ଯୁଦ୍ଧ, 1757

(2) ଜାଲିୟାଁୱାଲାବାଗ ହତ୍ୟାକାଣ୍ଡ, 1919

(3) 1857 ର ବିଦ୍ରୋହ

(4) ଭାରତ ଛାଡ଼ ଆନ୍ଦୋଳନ, 1942

15. ବ୍ରିଟିଶ ଭାରତରେ ନିମ୍ନଲିଖିତ କେଉଁଟି ଏକ ଶାସନାଧୀନ ରାଜ୍ୟ ନ ଥିଲା?

(1) ହାଇଦ୍ରାବାଦ

(2) ମହୀଶୂର

(3) ଚେନ୍ନାଇ

(4) ବରୋଦା

16. କଂଗ୍ରେସ 'ପୂର୍ଣ୍ଣ ସ୍ୱରାଜ'ର ଘୋଷଣା କରିଥିଲା

(1) ଅମୃତସର ଅଧିବେଶନରେ

(2) ଚଣ୍ଡିଗଡ଼ ଅଧିବେଶନରେ

(3) ପୁଣେ ଅଧିବେଶନରେ

(4) ଲାହୋର ଅଧିବେଶନରେ

17. ସତ୍ୟାଗ୍ରହର ଦର୍ଶନଶାସ୍ତ୍ର କାହା ଉପରେ ପର୍ଯ୍ୟବେସିତ?

(1) ସଶସ୍ତ୍ର ସଂଘର୍ଷ

(2) ଗୋଷ୍ଠୀ ଯୁଦ୍ଧ

(3) ଶ୍ରମିକ ବର୍ଗର ବିଦ୍ରୋହ

(4) ସତ୍ୟ ଏବଂ ଅହିଂସା

18. ନିମ୍ନଲିଖିତ କେଉଁ ରାଷ୍ଟ୍ରବାଦୀ ନେତା ଅନୁସୂଚିତ ଜାତିର ନେତା ଭାବେ ଛିଡ଼ା ହୋଇଥିଲେ?

(1) ଏମ୍.କେ. ଗାନ୍ଧୀ

(2) ବି.ଆର୍. ଆମ୍ବେଦକର

(3) ଲାଲା ଲାଜପତ ରାୟ

(4) ଜବାହରଲାଲ ନେହେରୁ

19. ଶାହନୱାଜ ଖାଁ, ଗୁରଦୟାଲ ସିଂ ଢିଲ୍ଲନ ଏବଂ ପ୍ରେମ କୁମାର ସେହଗଲ କେଉଁ ସଶସ୍ତ୍ର ରାଷ୍ଟ୍ରବାଦୀ ସଂଗଠନର ସଦସ୍ୟ ଥିଲେ?
(1) ଆଇ.ଏନ୍.ସି.
(2) ସି.ପି.ଆଇ.
(3) ସି.ପି.ଆଇ.(ଏମ୍.)
(4) ଆଇ.ଏନ୍.ଏ.

20. ନିମ୍ନଲିଖିତ କେଉଁଟି ବାଦଯୋଗ୍ୟ ଅଟେ?
(1) ନିର୍ଦ୍ଦେଶକ ସିଦ୍ଧାନ୍ତ
(2) ନାଗରିକ-ବିଷୟକ ସିଦ୍ଧାନ୍ତ
(3) ମୌଳିକ ଅଧିକାର
(4) ମୌଳିକ କର୍ତ୍ତବ୍ୟ

21. ନିମ୍ନଲିଖିତ କେଉଁଟି ଭାରତର ସମ୍ବିଧାନର ମୌଳିକ ଅଧିକାର **ନୁହେଁ**?
(1) ସୂଚନାର ଅଧିକାର
(2) ସମାନତାର ଅଧିକାର
(3) ସ୍ୱାଧୀନତାର ଅଧିକାର
(4) ଶୋଷଣ ବିରୁଦ୍ଧରେ ଅଧିକାର

22. ଭାରତୀୟ ସଶସ୍ତ୍ର ସେନାର ସର୍ବୋଚ୍ଚ କମାଣ୍ଡାର କିଏ?
(1) ଜେନେରାଲ
(2) ବ୍ରିଗେଡିୟର୍
(3) ଭାରତର ରାଷ୍ଟ୍ରପତି
(4) ଭାରତର ପ୍ରତିରକ୍ଷା ମନ୍ତ୍ରୀ

23. ମନ୍ତ୍ରିମଣ୍ଡଳରେ ଅନ୍ତର୍ଭୁକ୍ତ ହୋଇଥାନ୍ତି
(1) କ୍ୟାବିନେଟ୍ ମନ୍ତ୍ରୀ
(2) ରାଷ୍ଟ୍ରମନ୍ତ୍ରୀ
(3) ଉପ ମନ୍ତ୍ରୀ
(4) ଉପରୋକ୍ତ ସମସ୍ତ

24. ଔପନିବେଶିକ କାଳ ଅବଧିରେ, କୃଷି ଉତ୍ପାଦନରେ କେଉଁ ଫସଲରୁ କେଉଁ ଫସଲକୁ ପରିବର୍ତ୍ତନ ଦେଖାଦେଇଥିଲା?
(1) ନଗଦି ଫସଲରୁ ଖାଦ୍ୟ ଫସଲ
(2) ଖାଦ୍ୟ ଫସଲରୁ ନଗଦି ଫସଲ
(3) ଖାଦ୍ୟ ଫସଲ ନୁହେଁ କି ନଗଦି ଫସଲ ନୁହେଁ
(4) ଉପରୋକ୍ତ କୌଣସିଟି ନୁହେଁ

**25.** 'ତେଲି', 'ଧୋବା', 'କମାର', 'ବାରିକ' କାହାର ଉଦାହରଣ?

(1) ବର୍ଣ୍ଣର

(2) ଜନଜାତିର

(3) ନୃଜାତି ସମୁହର

(4) ଜାତିର

**26.** ଭାରତର ରାଷ୍ଟ୍ରୀୟ ପ୍ରତୀକ ବାହାକୁ ଦର୍ଶାଇଥାଏ?

(1) ସାରନାଥ ସିଂହ

(2) ଅଶୋକ ଚକ୍ର

(3) ତ୍ରିରଙ୍ଗା

(4) ମୟୂର

**27.** ସେହି ବ୍ୟବସ୍ଥା, ଯେଉଁଠି ଗୋଟିଏ 'ଜାତି'ର ଲୋକେ ଅନ୍ୟ କୌଣସି ଜାତିର ସେବା ଗ୍ରହଣ କରି, ପୁଣି ଅନ୍ୟ କୌଣସି ଜାତିକୁ ସେବା ପ୍ରଦାନ କରନ୍ତି, ତା'କୁ କୁହାଯାଏ

(1) ବର୍ଣ୍ଣ ବ୍ୟବସ୍ଥା

(2) ଜମିଦାରୀ ବ୍ୟବସ୍ଥା

(3) ରୟତୱାରୀ ବ୍ୟବସ୍ଥା

(4) ଯଜମାନୀ ବ୍ୟବସ୍ଥା

**28.** ସମାଜର ଦୁର୍ବଳ ବର୍ଗଙ୍କ ପାଇଁ ଶିକ୍ଷା ଓ ରୋଜଗାରରେ ସିଟ୍ ସଂରକ୍ଷଣର ନୀତିକୁ କୁହାଯାଏ

(1) ସାମାଜିକ ଭେଦଭାବ

(2) ସାମାଜିକ ସୁରକ୍ଷା

(3) ସୁରକ୍ଷାତ୍ମକ ଭେଦଭାବ

(4) ସାମାଜିକ ଏକୀକରଣ

**29.** ନିମ୍ନଲିଖିତ କେଉଁଟି ହେଉଛି ଏକ ପୁରୁଷପ୍ରଧାନ ସମାଜର ବୈଶିଷ୍ଟ୍ୟ?

(1) ସ୍ୱାମୀ, ସ୍ତ୍ରୀଙ୍କ ସମ୍ପର୍କୀୟଙ୍କ ସହିତ ରହିବାକୁ ଯାଆନ୍ତି

(2) ଉଭୟ ମିଳିତ ନିଷ୍ପତ୍ତି ନିଅନ୍ତି

(3) ବଂଶ, ପୁରୁଷଙ୍କ ନାମରେ ଚାଲିଥାଏ

(4) ଉପରୋକ୍ତ ସମସ୍ତ

**30.** ଗ୍ରାମୀଣ ଭାରତରେ ସ୍ଥାନୀୟ ସ୍ୱାୟତ୍ତ ଶାସନର ତ୍ରିସ୍ତରୀୟ ଢାଞ୍ଚାକୁ କ'ଣ କୁହାଯାଏ?

(1) ଖାପ୍ ପଞ୍ଚାୟତ

(2) ଜାତି ପଞ୍ଚାୟତ

(3) ପଞ୍ଚାୟତିରାଜ

(4) ସ୍ୱରାଜ

**31.** ମୁମ୍ବାଇ ଓ କୋଲକାତା ଭଳି ମହାନଗରରେ ଆପଣ ନିମ୍ନଲିଖିତ କେଉଁଟି ଦେଖିବାକୁ ପାଇବେ?

(1) ଗ୍ରାମପଞ୍ଚାୟତ
(2) ନଗର ପରିଷଦ
(3) ଜିଲ୍ଲା ପରିଷଦ
(4) ନଗର ନିଗମ

**32.** ଅର୍ଥନୀତିର 'ଦ୍ୱିତୀୟକ କ୍ଷେତ୍ର'ରେ ନିମ୍ନଲିଖିତ କେଉଁଟି ଅନ୍ତର୍ଭୁକ୍ତ ହେବ?

(1) ମତ୍ସ୍ୟପାଳନ ଏବଂ ବନବିଜ୍ଞାନ
(2) ବ୍ୟାଙ୍କିଙ୍ଗ ଓ ବୀମା
(3) ବିଦ୍ୟୁତ୍ ଏବଂ ଜଳବିଦ୍ୟୁତ୍ ଶକ୍ତି
(4) ହୋଟେଲ ଏବଂ ପର୍ଯ୍ୟଟନ

**33.** ଶ୍ରମବଳରେ ନିମ୍ନଲିଖିତ କେଉଁ ଶ୍ରେଣୀ ଅନ୍ତର୍ଭୁକ୍ତ **ନୁହେଁ** ?

(1) ବେରୋଜଗାର ବ୍ୟକ୍ତି
(2) ନିରକ୍ଷର ବ୍ୟକ୍ତି
(3) 14 ବର୍ଷରୁ କମ୍ ବୟସର ଶିଶୁ
(4) ଚାଷୀ

**34.** ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ଅବଧିରେ ନିମ୍ନଲିଖିତ କାହା ଉପରେ ଗୁରୁତ୍ୱ ଦିଆଯାଇଥିଲା?

(1) ଭାରି ଉଦ୍ୟୋଗ
(2) ଦାରିଦ୍ର୍ୟ ଦୂରୀକରଣ
(3) ଜଳସେଚନ
(4) ରପ୍ତାନି

**35.** ବର୍ଷ 1991 ରେ ଘୋଷିତ ନୂତନ ଆର୍ଥିକ ନୀତିର ପରିଣାମ ଥିଲା

(1) ଅର୍ଥନୀତି ଉପରେ ରାଷ୍ଟ୍ରର ନିୟନ୍ତ୍ରଣ
(2) ବୈଦେଶିକ ବାଣିଜ୍ୟ ଉପରେ କଟକଣା
(3) ଅଧିକ କଠୋର ଲାଇସେନ୍ସ ନୀତି
(4) ଆର୍ଥିକ ଉଦାରୀକରଣ

**36.** ବିଗତ 20 ବର୍ଷ ଅବଧିରେ ଧନୀ ଏବଂ ଗରିବ ରାଜ୍ୟଗୁଡ଼ିକ ମଧ୍ୟରେ ମୁଣ୍ଡପିଛା ଆୟ ସମ୍ବନ୍ଧୀୟ ପାର୍ଥକ୍ୟ

(1) ବୃଦ୍ଧି ପାଇଛି
(2) ହ୍ରାସ ପାଇଛି
(3) ଅପରିବର୍ତ୍ତିତ ରହିଛି
(4) ଉପରୋକ୍ତ କୌଣସିଟି ନୁହେଁ

37. 'ଭବିଷ୍ୟତ ପିଢ଼ିକୁ ତାଙ୍କର ନିଜ ଆବଶ୍ୟକତା ପୂରଣ କରିବାର ସାମର୍ଥ୍ୟ ସହିତ କୌଣସି ବୁଝାମଣା କରା ନ ଯାଇ ବର୍ତ୍ତମାନ ପିଢ଼ିର ଆବଶ୍ୟକତାକୁ ପୂରଣ କରିବାର ସାମର୍ଥ୍ୟ' କାହାର ସଂଜ୍ଞା ଅଟେ

(1) ଆର୍ଥିକ ବିକାଶ

(2) ବ୍ୟକ୍ତିତ୍ୱ ବିକାଶ

(3) ଅନ୍ତର୍ଜାତୀୟ ବିକାଶ

(4) ଚିରସ୍ଥାଇ ବିକାଶ

38. ପୁଞ୍ଜିବାଦୀ ସମାଜରେ ଦୁଇଟି ବର୍ଗ 'ପୁଞ୍ଜିପତି' ଏବଂ 'ଶ୍ରମଜୀବୀ'କୁ ଚିହ୍ନଟ କରିଥିବା ଚିନ୍ତକ କିଏ ଥିଲେ?

(1) ମ୍ୟାକ୍ସ ୱେବର୍ (2) କାର୍ଲ ମାର୍କ୍ସ

(3) ଓସ୍କାର ଲୁଇସ୍ (4) ଚାର୍ଲସ୍ ଡିକେନ୍ସ

39. ଶେଂଗେନ୍ (Schengen) ରାଜିନାମା କାହା ସହ ସମ୍ବନ୍ଧିତ?

(1) ସଂଯୁକ୍ତ ରାଷ୍ଟ୍ର

(2) ବିଶ୍ୱ ବାଣିଜ୍ୟ ସଂଗଠନ

(3) ଏସୀୟାଇ ସଂଘ

(4) ୟୁରୋପୀୟ ସଂଘ

40. ସବୁଜ ବିପ୍ଳବ ଦ୍ୱାରା କାହାର ଉତ୍ପାଦନ ବୃଦ୍ଧି ପାଇଲା?

(1) ବନ ସମ୍ପଦ (2) ଗ୍ରୀନ୍‌ହାଉସ୍ ଗ୍ୟାସ୍

(3) ଖାଦ୍ୟଶସ୍ୟ (4) ଚା' ଓ କଫି

41. ଏନ୍.ଆର୍.ଇ.ଜି.ଏ.ର ପ୍ରବର୍ତ୍ତନ କେବେ ହୋଇଥିଲା?

(1) 2005 ରେ (2) 2002 ରେ

(3) 2001 ରେ (4) 1995 ରେ

42. ଜନ୍ମ ପୂର୍ବରୁ ଶିଶୁର ଲିଙ୍ଗ ନିରୂପଣ, ଶିଶୁକନ୍ୟା ହତ୍ୟା, କାହାର ଉଦାହରଣ?

(1) ଜାତୀୟ ଭେଦଭାବର

(2) ନୃଜାତୀୟ ଭେଦଭାବର

(3) ସ୍ତ୍ରୀ–ପୁରୁଷ ଭେଦଭାବର

(4) ଜାତିଗତ ଭେଦଭାବର

43. ଶିଶୁ ବଞ୍ଚି ରହିବାର ପ୍ରତ୍ୟାଶିତ ବର୍ଷ ସଂଖ୍ୟାକୁ କୁହାଯାଏ

(1) ଜୀବନ ପ୍ରତ୍ୟାଶା (2) ଶିଶୁ ମୃତ୍ୟୁ ହାର

(3) ଜନ୍ମ ହାର (4) ମୃତ୍ୟୁ ହାର

**44.** ଉଚ୍ଚତର ଜି.ଡି.ପି. ବୃଦ୍ଧି ହାରର ପରିଣାମ ହେଉଛି

(1) ଜନସଂଖ୍ୟା ବୃଦ୍ଧି

(2) ଉଚ୍ଚତର ଶିଶୁ ମୃତ୍ୟୁ ହାର

(3) ଉଚ୍ଚତର ମୁଣ୍ଡପିଛା ଆୟ

(4) ଉପରୋକ୍ତ କୌଣସିଟି ନୁହେଁ

**45.** ନିମ୍ନଲିଖିତ କେଉଁ ରାଜ୍ୟର ସାକ୍ଷରତା ହାର ସବୁଠାରୁ କମ୍ ଅଟେ?

(1) କେରଳ (2) ଗୋଆ

(3) ବିହାର (4) ମିଜୋରମ

**46.** ଇଂରେଜମାନଙ୍କ 'ବିଭେଦ ଆଣି ଶାସନ କରିବା' ନୀତି ଲାଗୁ କରିବାର କାରଣ ଥିଲା

(1) ସ୍ୱାଧୀନତା ପ୍ରାପ୍ତି

(2) ଉଦ୍ୟୋଗୀକରଣ

(3) ସାମ୍ପ୍ରଦାୟିକତା

(4) ଦାରିଦ୍ର୍ୟତା

**47.** ଦେଶରେ ହାରାହାରି ମୁଣ୍ଡପିଛା ଆୟକୁ କୁହାଯାଏ

(1) ଜି.ଡି.ପି.

(2) ଜାତୀୟ ଆୟ

(3) ଜି.ଏନ୍.ପି.

(4) ମୁଣ୍ଡପିଛା ଆୟ

**48.** 1990 ରେ କେଉଁ ବିବାଦର ସୂତ୍ରପାତ ହୋଇଥିଲା?

(1) ବିଶ୍ୱ ଯୁଦ୍ଧ II (2) ଗଲ୍ଫ ଯୁଦ୍ଧ

(3) ସିଭିଲ୍ ଯୁଦ୍ଧ (4) ବିଶ୍ୱ ଯୁଦ୍ଧ I

**49.** ଭାରତର ସମ୍ବିଧାନରେ ସଂଶୋଧନ ଆଣିବାର କ୍ଷମତା କାହା ନିକଟରେ ରହିଛି?

(1) ରାଷ୍ଟ୍ରପତି

(2) ପ୍ରଧାନମନ୍ତ୍ରୀ

(3) ସଂସଦ

(4) ଭାରତର ମୁଖ୍ୟ ବିଚାରପତି

**50.** 'କର ବା ମର' ଅଭିଭାଷଣ କିଏ ଦେଇଥିଲେ?

(1) ଆମ୍ବେଦକର (2) ନେହେରୁ

(3) ଗାନ୍ଧୀ (4) ଭଗତ ସିଂ